# NATIONAL NEWS BULLETIN (ODIA)

**22 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସୁପ୍ରିମକୋର୍ଟ ମହାରାଷ୍ଟ୍ରର ଜଣେ ୧୪ ବର୍ଷ ବୟସ୍କା ବଳାତ୍କାର ପୀଡ଼ିତାଙ୍କ ଭ୍ରୁଣକୁ ନଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।
- ଦେଶର କିଛି ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବା ବିଷୟରେ ଅନୁମାନ କରାଯାଇଥିବାରୁ ନିର୍ବାଚନ କମିଶନ ଏକ ବୈଠକ ଡକାଇଛି ।
- ମଣିପୁରର ୧୧ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ପୁନଃ ମତଦାନ ଜାରି ରହିଛି ।
- ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଆଜି ଶେଷଦିନ ।

ଏବଂ

- ବିଶ୍ୱ ପୃଥିବୀ ଦିବସ ଆଜି ପାଳିତ ହେଉଛି ।

## ସୁପ୍ରିମକୋର୍ଟ : ରେଫ୍ ପ୍ଲି

ସୁପ୍ରିମକୋର୍ଟ ମହାରାଷ୍ଟ୍ରର ଜଣେ ୧୪ ବର୍ଷ ବୟସ୍କା ବଳାତ୍କାର ପୀଡ଼ିତାଙ୍କ ଭ୍ରୁଣକୁ ନଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହି ଭ୍ରୁଣ ୨୮ ସପ୍ତାହର ବୋଲି ଜଣାପଡ଼ିଛି । ସୁପ୍ରିମକୋର୍ଟ ମୁମ୍ବାଇର ଲୋକମାନ୍ୟ

ତିଳକ ହସ୍ପିଟାଲର ଡିନ୍‌ଙ୍କୁ ଏଥିପାଇଁ ଏକ ଡାକ୍ତରୀ ଦଳ ଗଠନ କରିବାକୁ କହିଛନ୍ତି । ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବାକୁ ରାଜି ହୋଇଛନ୍ତି ।

ସେହି ଭୃଣକୁ ଧାରଣ କଲେ ତାହା ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ଅବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଡାକ୍ତରମାନଙ୍କର ଏକ ଦଳ ସୁପାରିଶ୍ କରିବା ପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ସେହି ଭୃଣକୁ ନଷ୍ଟ କରିବା ସମୟରେ କିଛିମାତ୍ରାରେ ବିପଦ ଥିବାର ଡାକ୍ତରମାନେ କହିଛନ୍ତି । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଓ ଜଷ୍ଟିସ୍ ଜେ.ବି. ପଡ଼ିୱାଲାଙ୍କ ଖଣ୍ଡପୀଠ ଏହି ମାମଲାର ଅଗ୍ରାଧିକାର ଭିତ୍ତିରେ ଶୁଣାଣି କରିଛନ୍ତି । ପୀଡ଼ିତାଙ୍କ ମାଆଙ୍କର ଅନୁରୋଧ କ୍ରମେ ସୁପ୍ରିମକୋର୍ଟ ପୂର୍ବରୁ ସେହି ଭୃଣକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଏଥିପାଇଁ ଅନୁମତି ଦେଇନଥିଲେ । ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି ମାମଲାରେ ସରକାରଙ୍କର ପ୍ରତିନିଧିତ୍ୱ କରିଥିଲେ । ଗର୍ଭବତୀ ମହିଳା କିମ୍ବା ବଳାତ୍କାର ପୀଡ଼ିତାମାନଙ୍କ ୨୪ ସପ୍ତାହ ପର୍ଯ୍ୟନ୍ତ ଭୃଣକୁ ନଷ୍ଟ କରାଯିବାକୁ ସାଧାରଣତଃ ଅନୁମତି ଦିଆଯାଇଥାଏ ।

# ଇସିଆଇ-ହିଟ୍‌ୱେଭ୍

ଦେଶର କିଛି ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଓ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବା ବିଷୟରେ ଅନୁମାନ କରାଯାଇଥିବାରୁ ନିର୍ବାଚନ କମିଶନ ବିଭିନ୍ନ ପକ୍ଷ ସହ ଏକ ବୈଠକ କରୁଛି । ସେହି ବୈଠକରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଉପରେ ଆଲୋଚନା ହେବ । ଭାରତୀୟ ପାଣିପାଗ ବିଭାଗ, ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଫିସରମାନେ ବୈଠକରେ ଯୋଗଦେବେ । ପାଣିପାଗ ବିଭାଗର କହିବା ଅନୁସାରେ ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଦେଶର ପୂର୍ବ ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରାଯାଉଛି । ଏହି ଗ୍ରୀଷ୍ମ ପ୍ରବାହ ପୂର୍ବ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଦେଶର ଅନ୍ୟ କିଛି ଭାଗରେ ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଅନୁଭୂତ ହେବ ।

# ମଣିପୁର-ରିପୋଲିଂ

ମଣିପୁରର ୧୧ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ପୁନଃ ମତଦାନ ଜାରି ରହିଛି । ପୂର୍ବାହ୍ନ ୧୧ଟା ସୁଦ୍ଧା ଶତକଡ଼ା ୩୭ ଦଶମିକ ୫/୪ ଭାଗ ମତଦାନ ହୋଇଥିଲା । ପୂର୍ବ ଇମ୍ଫାଲ ଓ ପଶ୍ଚିମ ଇମ୍ଫାଲ ଜିଲ୍ଲା ଗୁଡ଼ିକରେ

ସେହି ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକ ରହିଛି । ଗତ ୧୯ ତାରିଖର ମତଦାନ ସମୟରେ ସେହି ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ହିଂସାକାଣ୍ଡ, ଦଙ୍ଗା ଓ ଅନ୍ୟ ପାଇଁ ମତଦାନ ଭଳି ଅନିୟମିତତା ହୋଇଥିବାର ଇନର୍ ମଣିପୁର ଲୋକସଭା ଆସନ ରିଟର୍ଣ୍ଣିଙ୍ଗ ଅଫିସର କହିଥିଲେ । ଫଳରେ ସେହି ସବୁ ଭୋଟ୍ ଗ୍ରହଣ କେନ୍ଦ୍ରରେ ଆଜି ପୁନଃ ମତଦାନ କରାଯାଉଛି । ସେଗୁଡ଼ିକରେ ସକାଳ ୭ଟାରେ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ । ତାହା ମଧ୍ୟରୁ ଇମ୍ଫାଲ ପୂର୍ବ ଜିଲ୍ଲାରେ ୭ଟି ଭୋଟ୍ ଗ୍ରହଣ କେନ୍ଦ୍ର ଥିବା ବେଳେ ଇମ୍ଫାଲ ପଶ୍ଚିମ ଜିଲ୍ଲାରେ ୪ଟି ଭୋଟ୍ ଗ୍ରହଣ କେନ୍ଦ୍ର ରହିଛି ।

## ଆସାମ-ଥାର୍ଡ ଫେଜ୍ ପୋଲ୍

ଆସାମରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ । ଏହି ପର୍ଯ୍ୟାୟରେ ୪ଟି ଆସନରେ ମତଦାନ ହେବ । ତୃତୀୟ ପର୍ଯ୍ୟାୟରେ ୫୨ ଜଣ ପ୍ରାର୍ଥୀଙ୍କର ମନୋନୟନପତ୍ର ବୈଧ ଥିବାର ଜଣାପଡ଼ିଛି । ଆଉ ୮ଜଣ ପ୍ରାର୍ଥୀଙ୍କର ମନୋନୟନପତ୍ର ନାକଚ ହୋଇଯାଇଛି । କୋକ୍ରାଝର ର ଉପସ୍ଥିତ ସାଂସଦ ନବ ସରାଣିଆଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି । ବିଜେପି ତୃତୀୟ ପର୍ଯ୍ୟାୟରେ ଗୌହାଟୀରୁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଆସାମ

ଗଣପରିଷଦ ବାରପେଟା ଓ ଧୋବ୍ରୀ ରୁ ପ୍ରତିଦ୍ୱନ୍ଦିତା କରୁଛି । ବିଜେପିର ଆଉ ଏକ ମିତ୍ର ଦଳ UPPL କୋକ୍ରାଝରରେ ପ୍ରାର୍ଥୀ ଦେଇଛି । କଂଗ୍ରେସ ସମସ୍ତ ୪ଟି ଯାକ ଆସନରେ ପ୍ରାର୍ଥୀ ଛିଡ଼ା କରାଇଛି । AIUDF, ବୋର୍ଡଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ ଓ CPIM ମଧ୍ୟ ପ୍ରାର୍ଥୀ ଦେଇଛନ୍ତି ।

## ଗାଜିପୁର-ଦିଲ୍ଲୀ ଫାୟାର

ଗାଜିପୁରରେ ଘଟିଥିବା ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରାଯାଇଛି । ଗତକାଲି ସନ୍ଧ୍ୟାରେ ଲାଗିଥିବା ସେହି ନିଆଁ ଆଜି ସକାଳ ପର୍ଯ୍ୟନ୍ତ ଥିଲା । ଦିଲ୍ଲୀ ଅଗ୍ନିଶମ ସେବା ବିଭାଗ ସେହି ନିଆଁ ଲିଭାଇବା କାର୍ଯ୍ୟ ଜାରି ରଖିଛି । ଦିଲ୍ଲୀ ଅଗ୍ନିଶମ ସେବା ଅଫିସର ରରେଶ କୁମାର ଜ୍ୱଳନଶୀଳ ଗ୍ୟାସ୍ ଯୋଗୁଁ ସେହି ନିଆଁ ଲାଗିଥିବାର କହିଛନ୍ତି । ସେ କହିଛନ୍ତି ଗତକାଲି ସନ୍ଧ୍ୟା ୬ଟା ବେଳେ ଖବର ମିଳିବା ପରେ ୧୦ଟି ଦମକଳ ପଠାଯାଇଥିଲା । ନିଆଁ ଯୋଗୁଁ ନିକଟସ୍ଥ ଅଞ୍ଚଳର ଲୋକମାନେ ଗଳାରେ ଯନ୍ତ୍ରଣା ଓ ନିଶ୍ୱାସପ୍ରଶ୍ୱାସରେ ଅସୁବିଧା ବିଷୟ ଅଭିଯୋଗ କରିଥିଲେ ।

ଦିଲ୍ଲୀ ପୌର ନଗର ନିଗମ ମେୟର ଆଲେ ମହମ୍ମଦ ଇକବାଲ୍ କହିଛନ୍ତି ସେ ଘଟଣାସ୍ଥଳୀ ପରିଦର୍ଶନ କରିଛନ୍ତି। ଅତ୍ୟନ୍ତ ଖରା ଓ ଶୁଖିଲା ପାଗ ଯୋଗୁଁ ନିଆଁ ଲାଗିଥିଲା ବୋଲି ସେ କହିଛନ୍ତି । ଦିଲ୍ଲୀ ବିଜେପି ଏଥିପାଇଁ ଦିଲ୍ଲୀ ସରକାରଙ୍କର ସମାଲୋଚନା କରିଛି । ଘଟଣାର ତଦନ୍ତ ପାଇଁ ଦିଲ୍ଲୀ ବିଜେପି ଦାବି କରିଛି ।

# ପିଏମ୍-ର୍‍ୟାଲି

ଶୁକ୍ରବାର ଦିନ ମତଦାନ ହେବାକୁ ଥିବା ଉତ୍ତରପ୍ରଦେଶର ୮ଟି ନିର୍ବାଚନ ମଣ୍ଡଳୀରେ ପ୍ରଚାର ଖୁବ୍ ଜୋରସୋର୍‌ରେ ଚାଲିଛି । ସେହି ଆସନ ଗୁଡ଼ିକ ହେଉଛି-ଅମ୍ରୋହା, ମେରଠ, ବାଘପତ୍, ଘାଜିଆବାଦ, ଗୌତମବୁଦ୍ଧନଗର, ବୁଲନ୍ଦସହର୍, ଆଲିଗଡ଼ ଓ ମଥୁରା । ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ଆଲିଗଡ଼ଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେବେ । ସେ ପାର୍ଟିପ୍ରାର୍ଥୀ ସତୀଶ ଗୌତମଙ୍କ ସମର୍ଥନରେ ପ୍ରଚାର କରିବେ । BSP ମୁଖ୍ୟ ମାୟାବତୀ ବୁଲନ୍ଦସହର ଓ ଗୌତମବୁଦ୍ଧନଗର ଠାରେ ର୍‍ୟାଲିଗୁଡ଼ିକରେ ଉଦ୍‌ବୋଧନ ଦେବେ । ସମାଜବାଦୀ ପାର୍ଟି ଓ କଂଗ୍ରେସର ବହୁ ନେତା ମଧ୍ୟ ର୍‍ୟାଲିଗୁଡ଼ିକରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

# ଲୋକସଭା ଥାର୍ଡ ଫେଜ୍ ନୋମିନେସନ

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଆଜି ଶେଷଦିନ । ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନରେ ମେ ମାସ ୭ ତାରିଖରେ ମତଦାନ ହେବ । ସେଗୁଡ଼ିକ ମଧ୍ୟରେ ଗୁଜରାତର ସମସ୍ତ ୨୬ଟି ଲୋକସଭା

ଆସନ, କର୍ଣ୍ଣାଟକର ୧୪ଟି ଲୋକସଭା ଆସନ, ମହାରାଷ୍ଟ୍ରର ୧୧ଟି ଓ ଉତ୍ତରପ୍ରଦେଶର ୧୦ଟି ଲୋକସଭା ଆସନରେ ମତଦାନ ହେବ । ଏହା ବ୍ୟତୀତ ମଧ୍ୟପ୍ରଦେଶର ୮ଟି ଲୋକସଭା ଆସନ, ଛତିଶଗଡ଼ର ୭ଟି, ବିହାରର ୫ଟି, ଆସାମ ଓ ପଶ୍ଚିମବଙ୍ଗର ୪ଟି ଲେଖାଏଁ । ଗୋଆ, ଦାଦ୍ରା ଓ ନଗର ହାବେଲୀ, ଦାମନ ଓ ଡିଉ ର ୨ଟି ଲେଖାଏଁ ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଆସନରେ ମତଦାନ ହେବ ।

## ଗୁଜରାତ ନୋମିନେସନ୍ସ

ଗୁଜରାତ ଲୋକସଭା ନିର୍ବାଚନରେ ୩୨୮ ଜଣ ପ୍ରାର୍ଥୀଙ୍କର ମନୋନୟନପତ୍ର ବୈଧ ଥିବାର ଜଣାପଡ଼ିଛି । ବିଧାନସଭା ଉପନିର୍ବାଚନରେ ୨୭ ଜଣ ପ୍ରାର୍ଥୀଙ୍କର ମନୋନୟନପତ୍ର ବୈଧ ରହିଛି । ଗତ ଶନିବାର ଦିନ ପ୍ରାର୍ଥିପତ୍ର ଗୁଡ଼ିକୁ ଯାଞ୍ଚ କରାଯାଇଥିଲା ।

ଆମ ସମ୍ବାଦଦାତା ଜଣାଇଛନ୍ତି ସୁରତ ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି । ପ୍ରସ୍ତାବକମାନଙ୍କ ଦ୍ୱାରା ତ୍ରୁଟି ଯୋଗୁଁ ତାଙ୍କର ପ୍ରାର୍ଥିପତ୍ର ନାକଚ ହୋଇଛି । କଂଗ୍ରେସ ବିକଳ୍ପ ପ୍ରାର୍ଥୀ ସୁରେଶ ପଦସାଲାଙ୍କ ପ୍ରାର୍ଥିପତ୍ର ମଧ୍ୟ ନାକଚ ହୋଇଯାଇଛି । ଫଳରେ ସୁରତ ଆସନରୁ କୌଣସି କଂଗ୍ରେସ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିପାରିବେ ନାହିଁ । ଗାନ୍ଧିନଗର ଲୋକସଭା ଆସନରେ ସର୍ବାଧିକ ୩୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବର୍ଦୋଲି ଲୋକସଭା ଆସନଟି ଅନୁସୂଚିତ ଉପଜାତି ପାଇଁ ସଂରକ୍ଷିତ ରହିଛି । ସେଠାରେ ୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ଲୋକସଭା ନିର୍ବାଚନ ପାଇଁ ୪୩୩ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିଲେ । ବିଧାନସଭା ଉପନିର୍ବାଚନ ପାଇଁ ୩୭ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିଲେ । ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ହୋଇଥିବାରୁ କେତେଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ, ତାହା ଆଜି ସ୍ପଷ୍ଟ ହୋଇଯିବ ।

## ଆର୍ଥ ଡେ

ବିଶ୍ୱ ପୃଥିବୀ ଦିବସ ଆଜି ପାଳିତ ହେଉଛି । ପରିବେଶର ସୁରକ୍ଷା ପାଇଁ ବିଶ୍ୱ ପୃଥିବୀ ଦିବସ ପାଳନ କରାଯାଉଛି । ବିଶ୍ୱ ପୃଥିବୀ ଦିବସର ଶୀର୍ଷକ **ପ୍ଲାନେଟ୍ ଭର୍ସେସ୍ ପ୍ଲାଷ୍ଟିକ୍** ରହିଛି । ପ୍ଲାଷ୍ଟିକ୍ ଯୋଗୁଁ ପ୍ରଦୂଷଣ ଓ ପ୍ରକୃତି ଉପରେ ଏହାର କୁପ୍ରଭାବ ସଂକ୍ରାନ୍ତରେ ଏହା ଆଲୋକପାତ କରୁଛି । ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକା ପ୍ରଥମଥର ପାଇଁ ପୃଥିବୀ ଦିବସ ପାଳନ ଆରମ୍ଭ କରିଥିଲା । ଏହା ପୂର୍ବରୁ କାଲିଫର୍ଣ୍ଣିଆ ଉପକୂଳରେ ଭୀଷଣ ତୈଳ କ୍ଷରଣ ହୋଇଥିଲା । ଆମେରିକା ସିନେଟର୍ ଗେଲର୍ଡ ନେଲ୍ସନ୍ ଓ ହାରଓ୍ୱାର୍ଡ ବିଦ୍ୟାର୍ଥୀ ଡେନିସ୍ ହୟେସ୍ ପୃଥିବୀ ଦିବସ ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ । ପୃଥିବୀର ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏହାର ପାଳନ କରାଯାଉଛି । ଏକ ଉତ୍ତମ ଭବିଷ୍ୟତ ଓ

ସୁସ୍ଥ ପୃଥିବୀର ଗଠନ ଲାଗି ବିଶ୍ୱର ଜନସାଧାରଣଙ୍କୁ ଏଥିରେ ନିବେଦନ କରାଯାଉଛି ।